କଡ଼ା ବି ଲାଗୁନି । ମୋହନ ଏଇକଥା ସବୁବେଳେ ବଡ଼ କ୍ଷୋଭର ସହ କହେ । ଭଲ ବିଡ଼ି ସନ୍ଧାନରେ ବେଳେ ବେଳେ ମୋହନ ଟାଏଁବସା ପଳାଏ । ସେଠୁ ଏକାଥରେ ଗୁଡାଏ ବିଡ଼ି ଧରିକି ଆସେ । ନିଜେ ଟାଣେ ଆଉ କିଛି ଛକର ପାନ ଦୋକାନୀଙ୍କୁ ବିକ୍ରି ପାଇଁ ଦିଏ । ବିଡ଼ିବିନା ଜୀବନ ବ୍ୟର୍ଥ । ଯେ ନଖାଏ ବିଡ଼ି ଧୂଆଁ ତା' ବଉଁଶ ଘୋଡ଼ାମୁହାଁ ଆପ୍ତବାକ୍ୟକୁ ଅକ୍ଷରେ ଅକ୍ଷରେ ପାଳନ କରେ ମୋହନ । ବିଡ଼ି ନ ଟାଣିବାକୁ ତା' ସ୍ତ୍ରୀ ଦ୍ରୌପଦୀ ଅନେକଥର କହେ । ଦ୍ରୌପଦୀର କଥାକୁ କର୍ଣ୍ଣପାତ କରେନି ମୋହନ ।

ମୋହନର ଶ୍ୱଶୁର ଘର ହଳଦୀପୋଖରୀରେ । ହଳଦୀପୋଖରୀ ହାଟକୁ ଦିନେ ଯାଇଥିବାବେଳେ ଦ୍ରୌପଦୀଙ୍କୁ ସିଏ ପ୍ରଥମେ ଦେଖିଥିଲା । ଦ୍ରୋପଦୀ ସବୁହାଟପାଳିରେ କାନ୍ଦୁଲ ବିକି ଆସେ । ସେଇଠି ଦେଖାସାକ୍ଷାତରୁ ତାକୁ ଭଲ ପାଇ ବସିଲା ମୋହନ ।

ଗୋଟେ ମୁହଁ ସଞ୍ଜରେ ଦ୍ରୌପଦୀକୁ ମୋହନ କହିଲା, ମୋ ସାଙ୍ଗରେ ଯିବୁ ।

ଦ୍ରୋପଦୀ ପ୍ରଥମେ କହିଲା, ନାଇଁ ଗୋ ବାପାମା ଛୋଟ ଭାଇଭଉଣୀଙ୍କୁ ଛାଡ଼ି ତୋ ସାଙ୍ଗେ କେଆଡେ ଯିମି ।

ମୋହନ ବହୁତ ବୁଝେଇଲା । ଦ୍ରୌପଦୀ ଜମା ରାଜି ହେଉନଥିଲା । ମୋହନ ହାଟଭାଙ୍ଗିବା ଯାଏ ଛକିକି ରହିଲା । ଦ୍ରୌପଦୀ ଘରକୁ ଯିବା ରାସ୍ତାରେ ତାକୁ ଉଠେଇ ଆଣିଲା । ଦ୍ରୌପଦୀର ବାପା ଖବର ପାଇ ଝିଅକୁ ବହୁ ଖୋଜାଖୋଜି କରି ମୋହନ ଘରେ ଆସି ପହଞ୍ଚିଲା । ଗାଁ ଲୋକ ଫଇସଲା କଲେ ଦ୍ରୌପଦୀ ଯେହେତୁ ରୋଜଗାର କରି ଘରକୁ ସାହାଯ୍ୟ କରୁଥିଲା ପ୍ରତିମାସରେ କିଛିକିଛି ଟଙ୍କା ଶ୍ୱଶୁର ଘରକୁ ମୋହନ ଦେବ । ସେଇଆ ହିଁ ହେଲା ଓ ଦୁହିଁଙ୍କର ବାହାଘର ହେଲା । ମୋହନର ଶଳାଶାଳୀ ବାହାସାହା ହେଲେଣି । ଶ୍ୱଶୁର ବୁଢା ଓ ଶାଶୁ ବୁଢୀ ଆରପାରିକୁ ଚାଲି ଗଲେଣି । ଏବେ ମୋହନକୁ ଆଉ ପ୍ରତିମାସରେ ଟଙ୍କା ଦେବାକୁ ପଡେନି ।

ଦ୍ରୌପଦୀ ମୋହନ ପାଇଁ ଲକ୍ଷ୍ମୀମନ୍ତ । ସିଏ ଘରକୁ ଆସିଲାପରେ ତା'ର ଧନ ବଢିଛି । ବେକାରିତ୍ୱ ଦୂର ହେଇଛି । ପୁଅଟିଏ ପାଇଛି । ଘର ଚଳେଇବାରେ ଦ୍ରୌପଦୀ ମୁଣ୍ଡ ଖଟାଏ । ମୋହନକୁ କିଛି ଚିନ୍ତା କରିବାକୁ ପଡ଼େନି । ହୋଟେଲ ଖୋଲିବା ପଛରେ ଦ୍ରୌପଦୀର ହାତ । କେତେ ମିଲ ପଡ଼ିବ । ସଉଦା ଓ ପରିବା ପାଇଁ କେତେ ଖର୍ଚ୍ଚ କରାଯିବ ସବୁ କିଛି ପଛରୁ ଥାଇ ଦ୍ରୋପଦୀ ବୁଝିଥାଏ । ମୋହନ ବେଳେବେଳେ ଭାବେ ଦ୍ରୌପଦୀ ତା ଜୀବନରେ ନଆସିଥିଲେ ସିଏ କିଛି ବି କରିପାରିନଥାନ୍ତା ।

ବିଡ଼ିକୁ ବଂଶୀ ଭାବି ସବୁବେଳେ ଫୁଙ୍କୁଥାଏ ମୋହନ । ଥରେ ଜର ହେଲା ଯେ ବିଲକୁଲ ଛାଡ଼ିଲାନି । କାଶି କାଶି ସିଏ ବେଦମ ହେଇଗଲା । ପାଟିରୁ ଖାଲି କଫ ପଡିଲା, କଫରେ ମୁଣ୍ଡା ମୁଣ୍ଡା ରକ୍ତ । ରାତିରେ ଦେହରୁ ଖାଲି ଗମଗମ ଝାଳ ବୋହିଲା । ଦେହର ଓଜନ କମି କମି ଆସିଲା । ଉଠିଲେ ବସିଲେ ସିଏ ଖାଲି ଧଇଁସଇଁ ହେଲା । ମୋହନର ଏଭଳି ଅବସ୍ଥାରେ ଦ୍ରୌପଦୀ କ'ଣ କରିବ କିଛି ଜାଣି ପାରିଲାନି । ଭୀମ ମହାନ୍ତ କହିଲା ମୋହନକୁ କିଏ ଗୁଣି କରିଦେଇଛି । ନହେଲେ ଭଲମଣିଷଟାର ଅବସ୍ଥା କଣ ଏମିତି ହୁଏ । ସାଇପଡ଼ିଶା ଲୋକ କହିଲେ ଗୁଣି ନିଶ୍ଚୟ କିଏ କରିଛି ନହେଲେ କଣ ରକ୍ତ ପଡ଼ନ୍ତା ।

ଲାଖାଇ ମୁର୍ମୁ ପଣ୍ଡୁପାଣିରୁ ନଲକନ୍ଦ ଗୁଣିଆକୁ ଡାକି ଆଣିଲା । ମୋହନ ଖାଲି ବରଡ଼ାପତ୍ର ଭଳି ଥରୁଥାଏ । ତା' ଦେହରୁ ବହି ଯାଉଥାଏ ଗମଗମ ଝାଳ । ନଲକନ୍ଦ କାଟପାଣି ଦେଲା । ବହୁ ଝଡ଼ାଫୁଙ୍କା କଲା ହେଲେ ମୋହନର ଅବସ୍ଥାରେ ଟିକେ ବି ସୁଧାର ଆସିଲାନି । ମୋହନର ପୁଅ ଘାସିରାମ ଶିକ୍ଷିତ ପିଲା । ଏମିତି ହରକତ ଦେଖି ସମସ୍ତଙ୍କୁ ପରସ୍ତେ ଶୋଧିଲା ଆଉ ବାପାକୁ ଧରି ଡାକ୍ତରଖାନା ନେଇଗଲା । ମୋହନର ରକ୍ତ, କଫ ପରୀକ୍ଷା ହେଲା, ଛାତି ଏକ୍ସରେ କଲାରୁ ଜଣାପଡ଼ିଲା ଯକ୍ଷ୍ମା ହେଇଛି । ଲୋକ କହିଲେ, ବିଡ଼ି ଟାଣିଲାଭଳିଆ ଟାଣୁଥିଲା, ନାମ ନବନିତ କିଏ ନବ । ମୋହନ ବହୁତ କଷ୍ଟ ପାଇଲା । ହାଇଡୋଜ ମେଡିସିନ ଖାଇଲା,ପୁଷ୍ଟିକର ଖାଦ୍ୟ ଖାଇଲା, ଘର କଣରେ ପଡ଼ି ରହି ବିଶ୍ରାମ ନେଲା ।

ଆଳୁ ଥିଲେ ଡାଲିନାହିଁ, ହଳଦୀ ଥିଲେ ତେଲ ନାହିଁ । ମାଲିକ ବିନା ଡାକ୍ତର ଟିପିରିଆ କେତେ ଆଉ ଆଡ୍‌ଜଷ୍ଟ କରିବ । ମାସେକାଳ ବନ୍ଦ ହେଇଗଲା ହୋଟେଲ । ନିୟମିତ ଖାଉଥିବା ଲୋକେ ବିକଳ୍ପ ବ୍ୟବସ୍ଥା କଲେ । ଝରାଡିହି ଢାବାରୁ ଆମ ପିଅନ ରଘୁ ଖାଇବା ଆଣି ଦେଲା । ଯା ଭିତରେ କାମର ଚାପ ଆଉ ଖାଦ୍ୟ ସମସ୍ୟା ସମାଧାନ ହୋଇଯିବାରୁ ମୋହନ କଥା ପାଶୋରି ଯାଇଥିଲି । ଧୁଣ୍ଡୁ ଟା'ଦୋକାନରେ ବି କେହି ମୋହନ କଥା ଚର୍ଚ୍ଚା କରୁନଥିଲେ । ଆଉ ଜଣେ କିଏ ନୂଆ ହୋଟେଲଟେ କରିବ ବୋଲି ଛକରେ ଲୋକେ କଥା ହେଉଥିଲେ ।

ଦିନେ ହଠାତ ଛକରେ ଭେଟ ହେଲା ମୋହନ ।

ହାଇଡୋଜ୍ ମେଡିସିନ ପ୍ରଭାବରେ ତାର କେମିତି ଗୋଟେ ଘୁମେଇଲା ଭଳି ଅବସ୍ଥା ।

ନମସ୍କାର ମାରି ତୁନି ହୋଇ ମୋ ପାଖରେ ଛିଡ଼ା ହେଲା

କ'ଣ ଦେହ ଭଲ ହେଲାଣି, ମୁଁ ତାକୁ ପଚାରିଲି ।

ହଁ କି ନା ସିଏ କିଛି କହିଲାନି ।

:ହୋଟେଲ ଆଉ ଖୋଲିବ କି ନାହିଁ ?

ତଥାପି କିଛି ନକହି ସିଏ ନିରବ ରହିଲା ।

ମୁଁ ଅପେକ୍ଷା କଲି ଆଗଭଳି ଭାବି ଭାବି ସିଏ କାଳେ କିଛି ଦାର୍ଶନିକ ସୁଲଭ ଜବାବ ଫେରେଇବ ।

ମୋହନ ତଥାପି କିଛି ପ୍ରତିକ୍ରିୟା ଦେଖାଇଲାନି ।

ଲୋକଟା କ'ଣ ମୂକ ପାଲଟିଗଲା ନା କାଲ ହେଇଗଲା !

ମୋହନ ସେମିତି ନିର୍ବିକାର ଭାବେ ମୋ ପାଖରେ ଠିଆ ହେଇ ରାସ୍ତାକୁ ଚାହିଁଥିଲା ।

ଗୋଟେ ବାଲିବୋଝେଇ ଟ୍ରକ କଳାଧୂଆଁ ଉଡ଼େଇ ତା' ଆଗରେ ଚାଲିଗଲା ।

ମୁଁ ମୋହନକୁ ନିବିଷ୍ଟ ନୟନରେ ଚାହିଁ ରହିଲି ।

ମୋହନ ଦିଶୁଥିଲା ଘଷାମଜା ଅପେକ୍ଷାରେ ଥିବା ଏକ ଭାତହାଣ୍ଡି ଭଳି ।

*-ପ୍ଲଟ ନଂ-୩୫୦୮, ପଳାଶୁଣୀ,*
*ଭୁବନେଶ୍ୱର-୭୫୧୦୨୫*